ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# 'ମୋ ପ୍ରତିଭା' କାର୍ଯ୍ୟକ୍ରମ ପ୍ରତି ପିଲାମାନଙ୍କ ବିଶେଷ ଆକର୍ଷଣ

ଭୁବନେଶ୍ୱର : ୩୦ ଅପ୍ରେଲ,୨୦୨୦

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା କୋଭିଡ୍-୧୯ ଲକ୍ ଡାଉନ୍ ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା 'ମୋ ପ୍ରତିଭା' କାର୍ଯ୍ୟକ୍ରମ ପ୍ରତି ପିଲାମାନଙ୍କ ଅହେତୁକ ଆକର୍ଷଣ ବୃଦ୍ଧି ପରିଲକ୍ଷିତ ହେଉଛି । ଚଳିତ ସପ୍ତାହରେ ଏହି କାର୍ଯ୍ୟକ୍ରମ ପଞ୍ଚମ ସପ୍ତାହରେ ପ୍ରବେଶ କରିଥିବାବେଳେ ପ୍ରାୟ ୯୦୦୦ରୁ ଊର୍ଦ୍ଧ୍ୱ ଆବେଦନ ବିଭାଗର ହସ୍ତଗତ ହୋଇଛି । ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିବାବେଳେ ପିଲାମାନେ ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ 'ମୋ ପ୍ରତିଭା' କାର୍ଯ୍ୟକ୍ରମରେ ମନୋନିବେଶ କରି ବହୁସଂଖ୍ୟାରେ ଚିତ୍ରକଳା, କବିତା, କ୍ଷୁଦ୍ରଗଳ୍ପ ଆଦି ପଠାଉଛନ୍ତି । କୋଭିଡ୍-୧୯ର ମୁକାବିଲା ଦିଗରେ କୋଭିଡ୍ ଯୋଦ୍ଧାମାନଙ୍କର ଅବଦାନକୁ ଏହିସବୁ ସୃଜନଶୀଳ ବିଷୟରେ ଛାତ୍ରଛାତ୍ରୀମାନେ ଚମତ୍କାର ଭାବେ ପ୍ରସ୍ଫୁଟିତ କରିଛନ୍ତି । ସବୁଥର ପରି ଚଳିତ ସପ୍ତାହର ଫଳ ଆଜି ଘୋଷଣା କରାଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗର ଏହି ଅଭିନବ ଉଦ୍ୟମକୁ ପିତାମାତା, ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀଙ୍କ ସମେତ ସବୁସ୍ତରରେ ପ୍ରଶଂସା କରାଯାଉଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ